# OFFICE OF THE TAHASILDAR, BHATLI

(Revenue & Disaster Management Deptt., Govt. of Odisha)

E-mail id: tahasil.bhatli@gmail.com, Phone No. 06646-261245, PIN- 768030

Order No. 1608 /Date. 29/09/2020//

To

The District Informatic Officer
Bargarh

Sub:- Regarding Uploading of advertisement for lease of Minor Minerals under Bhatli Tahasil in the District website.

Sir,

I am to enclose herewith the copy of the advertisement No. 1605 Dt.29.09.2020 for lease of Minor Mineral under Bhatli Tahasil, for uploading in District web site for wide publication.

Encl:- As above

Yours faithfully

Tahasildar, Bhatli
29.9.2020.

Scanned with CamScanner

# <u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍</u>

1. ଦରଖାସ୍ତ ପାଉଣା ବାବଦ ଟ. 1000.00 (ଏକ ହଜାର ଟଙ୍କା ମାତ୍ର) (ଅଣ-ଫେରସ୍ତ) ଟ୍ରେଜେରୀ ଚାଲାଣ (Head of Account-0853-Non-Ferous Mining and Metallurgical Industries-102 Mineral Concession Fees, Rents and Royalties) ରେ ଦାଖଲ କରିବେ ।
2. କୌଣସି ମାଇନିଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ ।
3. IT Returns ଏବଂ ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି/ [illegible] ଯାହାକି ଦରଖାସ୍ତ କରୁଥିବା ସରୌତ ଉତ୍ସ ର ବାର୍ଷିକ ମୂଲ୍ୟ {Mining guarantee quantity x (Royalty + Additional Charge)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ।
4. Earnest Money ପାଇଁ Demand Draft (in favour of Tahasildar, <u>Bhatli</u>) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର 5% ଠାରୁ କମ ହୋଇନଥିବ । [EMD = 5% of {Minimum Guaranteed Quantity x (Royalty + Additional Charges)}]

ତହସିଲଦାର, ଭଟଲି ୨୮.୮.୨୦୨୦.

Scanned with CamScanner

## ବିଶେଷ ସର୍ତ୍ତାବଳୀ

1. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, OMMC Rules- 2016 ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟଦର୍ଶାଇ ଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ ।
3. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।
5. ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ ଉତ୍ସର ବାର୍ଷିକ ଦେୟ {Minimum guarantee quantity x (Royalty + Additional Charge)} + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଲିଜ ଚୁଡାନ୍ତ ହେବାର 15 ଦିନ ମଧରେ ପ୍ରାଧିକୃତ ଅଧିକାରୀଙ୍କ (ତହସିଲଦାର,ଅତାବିରା) ଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ ।
6. Environment Clearance ମଞ୍ଜୁରି ପରେ ଲିଜ ଧାରୀ ଏକ ବର୍ଷ ପାଇଁ Surface Rent, Royalty/Dead Rent ଏବଂ Royalty ର 5% EMF, 10% District Mineral Foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GSTବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ର (Lease Agreement) ନିଜ ଖର୍ଚ୍ଚରେ ସଂପାଦନ କରିବେ ।
7. ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।
8. ଯଦି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ଯୋଗ୍ୟ ବିବେଚିତ ଲିଜ ଧାରୀ ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।
9. ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।
10. ଲିଜ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାୟୀଉତ୍ସଟିକୁ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗ ରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚ୍ଚରେ କରିବେ ।
11. Reserve Assessment Report, Mining Plan and Environmental Clearance ବାବଦକୁ ହୋଇଥିବା ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

Scanned with CamScanner

ସାରଣୀ-୧

| କ୍ରଂ ନ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକର) | ଲଘୁ ଖଣିଜ ଦ୍ରବ୍ୟ ର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ ( per Cum) ଟଂକାରେ | ଅତିରିକ୍ତ ଦେୟ ( additional charges / Cum) | MGQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲି/ ପଥର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି earnest money ପରିମାଣ ଟଂକାରେ |
|---|---|---|---|---|---|---|---|---|---|---|
| ୧ | ଉଧେଇପାଲି | ୮୮ | ୭୮ | ପତିତ | ୦.୭୫ | ପଥର | ୧୩୦.୦୦ | ୧୦୦ | ୭୦୦ | ଟ.୮୧୦୦/- |
| ୨ | ବଡମାଲ | ୧୩୪ | ୬୯୮ | ପଥର ଚଟାଣ | ୪.୭୮ | ପଥର | ୧୩୦.୦୦ | ୫୦ | ୧୫୦୦ | ଟ.୧୩୫୦୦/- |
| ୩ | ହଲନ୍ଦା | ୧୧୧ | ୩୫୩ | ପଥର ଚଟାଣ | ୦.୯୦ | ପଥର | ୧୩୦.୦୦ | ୧୦୦ | ୫୦୦ | ଟ.୫୮୦୦/- |
| ୪ | ନୁଆଗଡ | ୩୭୪ | ୧୮୦୯,୨୦୭୫ | ଡୁଙ୍ଗୁରୀ | ୩.୭୭ | ପଥର | ୧୩୦.୦୦ | ୧୦୦ | ୫୦୦ | ଟ.୫୮୦୦/- |
| ୫ | ତେଜାଗୋଲା | ୧୫୮, ୧୫୯ | ୨୮୪/୨୧୦୬, ୧ | ପତିତ | ୨.୨୦ | ପଥର | ୧୩୦.୦୦ | ୧୦୦ | ୫୦୦ | ଟ.୫୮୦୦/- |
| ୬ | ମୁଲବାର | ୨୨୦ | ୧୫୫୫ | ପଥର ଚଟାନ | ୧.୧୮ | ପଥର | ୧୩୦.୦୦ | ୧୦୦ | ୫୦୦ | ଟ.୫୮୦୦/- |
| ୭ | କେଂନ୍ଦୁଗୁଡିଆ | ୧୧୦ , ୧୧୧ | ୧୧୪୦ , ୧୦୬୩ | ପତିତ ପଥର ଚଟାଣ | ୬.୮୫ | ପଥର | ୧୩୦.୦୦ | ୧୦୦ | ୧୦୦୦ | ଟ.୧୧୫୦୦/- |
| ୮ | ଚଢେଇଗାଁ | ୪୦୭ | ୨ | ପତିତ | ୨.୬୯ | ମୁରୁମ | ୩୫.୦୦ | ୧୦୦ | ୫୦୦ | ଟ.୩,୪୦୦/ |
| ୯ | କମଗାଁ | ୮୨୪ | ୧୩୨୭ | ଗୋଚର | ୧୧.୮୨ | ମୁରୁମ | ୩୫.୦୦ | ୧୦୦ | ୮୦୦ | ଟ.୫୪୦୦/- |
| ୧୦ | ନୁଆଗଡ | ୩୭୩ | ୧୮୧୫ | ପତିତ | ୨.୨୮ | ମୁରୁମ | ୩୫.୦୦ | ୧୦୦ | ୫୦୦ | ଟ.୩୪୦୦/- |
| ୧୧ | ହାଲୁପାଲି | ୧୬୩ | ୧୨୬୬ | ଗୋଚର | ୧୧.୪୮ | ମୁରୁମ | ୩୫.୦୦ | ୧୦୦ | ୮୦୦ | ଟ.୫୪୦୦/- |
| ୧୨ | ହାତିସର | ୨୩୩ | ୨୩୬୮ | ବସ୍ତି ଯୋଗ୍ୟ | ୫.୬୬ | ମୁରୁମ | ୩୫.୦୦ | ୧୦୦ | ୫୦୦ | ଟ.୫୪୦୦/- |
| ୧୩ | ହଲନ୍ଦା | ୧୧୦ | ୭୬୯ | ପତିତ | ୧୦.୫୩ | ମୁରୁମ | ୩୫.୦୦ | ୧୦୦ | ୧୫୦୦ | ଟ.୧୦୧୦୦/- |

ଜ୍ଞାପକ ସଂଖ୍ୟା . P606 ତାରିଖ ୨୮/୦୪/୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, ବରଗଡ/ ଉପଜିଲ୍ଲାପାଳ, ବରଗଡ / ବରଗଡ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଂକ କାର୍ଯ୍ୟାଳୟ/ ବରଗଡ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ/ ଭଟଲି ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ରାଜସ୍ୱ ନିରୀକ୍ଷକଂକ କାର୍ଯ୍ୟାଳୟ ତାଂକର ସୂଚନା ଫଳକରେ ପ୍ରକାଶନ ନିମଂତେ ପ୍ରେରଣ କରାଗଲା ।

[illegible signature] ୨୮.୪.୨୦୨୦

ତହସିଲଦାର, ଭଟଲି

Scanned with CamScanner

# ତହସିଲ କାର୍ଯ୍ୟାଳୟ, ଭଟଲି

ବିଜ୍ଞାପନ ସଂଖ୍ୟା 1605 ତାରିଖ ୨୧/୦୯/୨୦

## ଇସ୍ତାହାର

**ଲଘୁଖଣୀଜ ଉତ୍ସର ଦୀର୍ଘ ମିଆଦି ଲିଜ ନିମନ୍ତେ ବିଜ୍ଞାପନ**

ଏତ ଦ୍ୱାରା ସର୍ବ ସାଧାରଣଂକ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ଓଡିଶା ସରକାରଂକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅଧିନସ୍ଥ ଭଟଲି ତହସିଲ ଅନ୍ତର୍ଗତ ସାରଣୀ-୧ ରେ ଲିଖିତ ଉତ୍ସ ଗୁଡିକ ସନ୍.୨୦୨୦-୨୧ ଆର୍ଥିକ ବର୍ଷ ଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଦିର୍ଘ ମିଆଦି ଲିଜ ସକାଶେ ଦରଖସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ୨୦୧୭- ଆଇନ ଅନିଯାୟୀ ) ଫର୍ମ ନଂ. M ପୂରଣ କରି ତିନି କପି ସହ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଉପର ଭାଗରେ ସୈରାତ ଉତ୍ସର ନାମ ପୃଥକ ପୃଥକ ଭାରେ ଲେଖି ଜଉମୁଦ ଲଫାଫା ଜରିଆରେ ତହସିଲଦାର ଭଟଲି ଠିକଣାରେ କେବଳ (Speed post/ regd. Post) ମଧ୍ୟମରେ ଆସନ୍ତା. ତା.୨୧.୧୦.୨୦୨୦ରିଖ ଅପରାହ୍ନ ଘ.୫.୦୦ମି ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକୀୟ । ତହସିଲ କାର୍ଯ୍ୟାଳୟରେ ତା.୨୨.୧୦.୨୦୨୦ ରିଖ ଦିବା ଘ.୧୧.୦୦ ମି ସମୟରେ ଦରଖାସ୍ତକାରୀ କିମ୍ବା ତାଂକ ପ୍ରତିନିଧି ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ତନଖୀ ସମୟରେ ଅସଂପୂର୍ଣ୍ଣ ଦରଖସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ କ୍ରମେ ଦରଖାସ୍ତକାରୀ କିମ୍ବା ତାଂକ ପ୍ରତିନିଧି ଅନୁପସ୍ଥିତ ରହିଲେ ମଧ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଆବଶ୍ୟକ ସ୍ଥଳେ କୌଣସି କାରଣ ନଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ,କିମ୍ବା ରଦ୍ଦ କରିପରିବେ । ଏହି ସୈରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବରଗଡ ଜିଲ୍ଲା ୱେବସାଇଟ (www.bargarh.nic.in ) ଏବଂ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ ।

ତହସିଲଦାର , ଭଟଲି ୨୧.୯.୨୦୨୦

Scanned with CamScanner